# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ ମାମଲା ନଂ.- 71/2023

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ , ଇଡକୋ, ଭୁବନେଶ୍ୱରଙ୍କ ତରଫରୁ କାରଖାନା ସ୍ଥାପନ କରିବା ପାଇଁ ଲିଜ୍ ସୂତ୍ରେ ଆବେଦନ କରିଅଛନ୍ତି । ଉକ୍ତ ଜମି ଆବାଦ ଯୋଗ୍ୟ ଅନାବାଦି ଖାତାରେ ଥାଇ କିସମ ଶାରଦ ୨ ଅଛି । ଏଣୁ ଆବେଦନ କରିଥିବା ଜମିର ସରକାରୀ ଉଦ୍ଦେଶ୍ୟରେ ସୁବିନିଯୋଗ ନିମନ୍ତେ ନିମ୍ନ ପ୍ରଦତ୍ତ ପ୍ରସ୍ତାବ ଅନୁଯାୟୀ ଏହାର କିସମ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇପଡିଛି । ତେଣୁ ଏହି ପରିବର୍ତ୍ତନ କରାଗଲେ ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବାସୀ/ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (କୋଡିଏ ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ ।

ତଫସିଲ  ମୌଜା- ବୀରକିଶୋରପୁର

| ହାଲ ମୁତାବକ | | | | ପ୍ରସ୍ତାବିତ ଅନୁଯାୟୀ | | | |
|---|---|---|---|---|---|---|---|
| ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକରରେ) | ଖାତା ନଂ | ପ୍ଲଟ ନଂ | କିସମ | ଲିଜ୍ ପାଇଁ ଆବଶ୍ୟକ ରକବା (ଏକରରେ) |
| ୧୫୫ (ଆ.ଯୋ.ଅ.) | ୧୬୬୦ | ଶାରଦ -୨ | ୦.୫୬ | ୧୫୫ (ଆ.ଯୋ.ଅ.) | ୧୬୬୦ | ପତିତ | ୦.୫୬ |
| | | | | | | | ୦.୫୬ |

ତହସିଲଦାର, କେନ୍ଦୁଝର

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଯନ୍ତ୍ର ଦ୍ୱାରା ପ୍ରଚାର ଓ ପ୍ରସାର ପାଇଁ / ଅନ୍ୟ ଏକକିତା ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ/ ଏକକିତା ନକଲ ଜିଲ୍ଲା ୱେବସାଇଟ (www.kendujhar.nic.in)ରେ ଏବଂ ଅନ୍ୟ ଏକକିତା ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

ତହସିଲଦାର, କେନ୍ଦୁଝର

Scanned with OKEN Scanner